ବରେଣ୍ୟ, ସଭାପତି ମହୋଦୟ, ପୂଜ୍ୟ ଗୁରୁଜୀ ଓ ଗୁରୁମା ବୃନ୍ଦ, ଏଠାରେ ଉପସ୍ଥିତ ଥିବା ସାନ ବଡ ଭାଇ ଓ ଭଉଣୀମାନେ ତଥା ଏଠାରେ ଉପସ୍ଥିତ ଥିବା ମୋର ସହପାଠୀ ଗଣ ।

ଆଜିର ଏହି ପବିତ୍ର ସ୍ୱାଧୀନତା ଦିବସରେ ମୋତେ କିଛି କହିବାର ସୁଯୋଗ ମିଳିଥିବାରୁ ମୁଁ ନିଜକୁ ଧନ୍ୟ ମନେ କରୁଛି । ଆଜି ଆମେ ଏଠି କାହିଁକି ଉପସ୍ଥିତ ହୋଇଛୁ ତାହା ସମସ୍ତେ ଜାଣିଛୁ । ଆଜି ହେଉଛି ଅଗଷ୍ଟ ମାସ ୧୫ତାରିଖ , ଆମ ଦେଶର ୭୭ତମ ସ୍ୱାଧୀନତା ଦିବସ । ଆଜିର ଦିନ ଭାରତର ଇତିହାସରେ ଲେଖାଯାଇଥିବା ଏମିତି ଏକ ଦିବସ , ଯାହାକୁ ସଦା ସର୍ବଦା ଏହିପରି ଉଲ୍ଲାସ ଓ ଉତ୍କଣ୍ଠା ର ସହ ପାଳନ କରିଥାଉ । ବହୁତ ବର୍ଷର କଠିନ ପରିଶ୍ରମ, ଦୃଢ ଆତ୍ମବଳ ଏବଂ ଅଦମ୍ୟ ସାହସର ଆତ୍ମ ବଳରେ, ଆମ ଦେଶ ଭାରତ ୧୯୪୭ ଅଗଷ୍ଟ ୧୫ ତାରଖରେ ଇଂରେଜ ମାନଙ୍କ ଠାରୁ ସ୍ୱାଧୀନତା ପାଇଥିଲା । ସେହି ବୀର ସ୍ୱାଧୀନତା ସଂଗ୍ରାମୀ ମାନଙ୍କ ବଳିଦାନକୁ ସମ୍ମାନ ଦେବା ପାଇଁ, ପ୍ରତିବର୍ଷ ଆମେ ଏହି ଦିବସକୁ ପାଳନ କରିଥାଉ । ପ୍ରଥମେ ବିପ୍ଳବ ଆରମ୍ଭ ହୋଇଥିଲା ମଙ୍ଗଳ ପାଣ୍ଡେଙ୍କ ଠାରୁ, ଏହାପରେ ସେହି ବିପ୍ଳବର ଅଗ୍ନି ସମଗ୍ର ଦେଶରେ ଖେଳି ଗଲା । ଭଗତ ସିଂ, ଚନ୍ଦ୍ର ଶେଖର ଆଜାଦ, ଖୁଦିରାମଙ୍କ ଭଳି ଅନେକ ଅନେକ ଯୁବକ ଏହି ଅଗ୍ନିରେ ଲମ୍ଫ ପ୍ରଦାନ କରିଥିଲେ । ସୁବାଷ ଚନ୍ଦ୍ର ବୋଷ ଏବଂ ମହାତ୍ମାଗାନ୍ଧୀ, ସ୍ୱାଧୀନତା ସଂଗ୍ରାମର ମୁଖିଆ ହିସାବରେ ଛିଡା ହେଲେ । ଆନ୍ଦୋଳନ ଭାଗ ନେଲେ ସହସ୍ର ଦେଶବାସୀ । ନେତାଜୀଙ୍କ ଦୃଢ ମନବଳ , ସାହସ ଏବଂ ଗାନ୍ଧିଜୀଙ୍କ ଅହିଂସା ନୀତି ବଳରେ ଆମ ଦେଶ ଶେଷରେ ସ୍ୱାଧୀନ ହେଲା । ଏବେ ଆମ ସମସ୍ତଙ୍କ ର କର୍ତ୍ତବ୍ୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନର ଫଳରେ ମିଳିଥିବା , ଏହି ସ୍ୱତନ୍ତ୍ର ଦେଶର ସୁରକ୍ଷା ଏବଂ ସମୃଦ୍ଧିରେ ନିଜକୁ ନିୟୋଜିତ କରିବା । ଆମ ଦେଶକୁ ସ୍ୱଛ, ସୁନ୍ଦର ଏବଂ ସୁରକ୍ଷିତ ରଖିବା । ଆଜି ଆମେ ଏହି କ୍ଷଣରେ ଶପଥ ନେବା ଯେ , ଆମେ ଆମ ଦେଶକୁ ସବୁବେଳେ ଭଲ ପାଇବା ଏବଂ ଏହାର ବିକାଶ ଓ ସୁରକ୍ଷା ପ୍ରତି ଯତ୍ନବାନ ହେବା । ମୁଁ ଏତିକି କହି ମୋର ବକ୍ତବ୍ୟ ଶେଷ କରୁଛି । ଜୟ ହିନ୍ଦ୍ ।

OPEPA.IN